# ଆନ୍ଧ୍ର ପ୍ରଦେଶରେ ବନ୍ଧୁତ୍ୱର ପୁନଃ ସ୍ଥାପନା କରାଯିବା ଆବଶ୍ୟକ ।

ତା.୧୪.୦୨.୨୦୧୪

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା ।**

ଉ.ପା ସରକାର ସଦନର ଗାରିମାକୁ ନଷ୍ଟ କରି, ଦେଶର ଅର୍ଥନୀତିକୁ ଭୂଲୁଣ୍ଠିତ ଅବସ୍ଥାକୁ ଆଣି, ଭ୍ରଷ୍ଟାଚାରର ଚରମ ସୀମାରେ ଉପନୀତ ହୋଇ ତଥା ନିଷ୍ପତ୍ତି ନେବାରେ ଅବହେଳା ଆଦି କାର୍ଯ୍ୟ ପ୍ରଦର୍ଶନ କରି ଆଜି କାର୍ଯ୍ୟକାଳ ପ୍ରାୟ ଶେଷ ହେବା ପୂର୍ବରୁ ନୂତନ କିଛି କରିବାର ଉଦ୍ୟମ କରୁଛନ୍ତି । ସେମାନେ ତେଲେଙ୍ଗାନାକୁ ଏକ ସ୍ୱତନ୍ତ୍ର ରାଜ୍ୟ ଭାବରେ ଗଠନ କରିବା ନେଇ ଆଦୌ ତତ୍ପର ନୁହନ୍ତି ଏବଂ ନିଜ ଦଳର ସଦସ୍ୟ ମାନଙ୍କୁ ମଧ୍ୟ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ଅସମର୍ଥ । ଆଜି ସଦନରେ ଏପରି କୌଣସି ଅଧିବେଶନ ନାହିଁ ଯେଉଁଠି କଂଗ୍ରେସ କର୍ମୀଙ୍କ ଦ୍ୱାରା ବିଶୃଙ୍ଖଳା ସୃଷ୍ଟି ନହୋଇଛି । ହେଲେ ପ୍ରଧାନ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଗୃହ ମନ୍ତ୍ରାଳୟ ଖାଲି ନୀରବ ଦ୍ରଷ୍ଟା ସାଜି ବସିରହିଛି ।

ଆଜି ସଦନରେ ସୀମାନ୍ଧ୍ରରେ ଏକ ସ୍ୱତନ୍ତ୍ର ରାଜଧାନୀ ଗଠନ, ସେଠାରେ ଏକ ସ୍ୱତନ୍ତ୍ର ହାଇକୋର୍ଟ ସ୍ଥାପନ ଏବଂ ରାଜ୍ୟ ବିଭାଜନ ପରେ ସେଠାକାର ଜଳ ତଥା ଶକ୍ତିର ବର୍ଣ୍ଟନ ନେଇ ଆଲୋଚନା ଆରମ୍ଭ ହେବାକୁ ଯାଉଥିବା ବେଳେ ହିଁ ଆନ୍ଧ୍ର ପ୍ରଦେଶର କଂଗ୍ରେସ କର୍ମୀଙ୍କ ଦ୍ୱାରା ପ୍ରବଳ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା । ଏନ.ଡ଼ି.ଏ ସରକାରଙ୍କ ସମୟରେ ଖୁବ ଶାନ୍ତି ପୂର୍ଣ୍ଣ ପଦ୍ଧତିରେ ଝାଡ଼ଖଣ୍ଡ, ଛତିଶଗଡ଼ ଓ ଉତ୍ତରାଖଣ୍ଡକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦିଆଯାଇଥିଲା । ହେଲେ ଅଶୋଭନୀୟ ପରିସ୍ଥିତି ଉପୁଜିବା ଫଳରେ ସୀମାନ୍ଧ୍ର ତଥା ତେଲେଙ୍ଗାନର ପ୍ରତିନିଧିଙ୍କ ମଧ୍ୟରେ ଦୂରତା ହଟାଇବା ପାଇଁ କୌଣସି ଉଦ୍ୟମ କରାଯାଇ ନଥିଲା ଓ ସେମାନେ ପୂର୍ବବତ ନୈରାଶ୍ୟତାରେ ଘେରି ରହିଥିଲେ । ଆଜି ସଦନରେ ଯାହା କିଛି ଘଟିଗଲା ତାହା କାହାରିକୁ ଅଛପା ନାହିଁ । ତେବେ ମଧ୍ୟ ସମୟ ଯାଇନାହିଁ । ଉ.ପା ସରକାର ସଦନରେ ବା ସଦନ ବାହାରେ ଆନ୍ଧ୍ର ପଦେଶରେ ବନ୍ଧୁତ୍ୱର ପୁନଃ ପ୍ରତିଷ୍ଠା ପାଇଁ ଅଥବା ତେଲେଙ୍ଗାନାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ଲାଗି ଏକ ଫୋରମ ପଠାଇ ପାରନ୍ତି ।